# ଦେଶର ବିକାଶ ପାଇଁ ମହିଳା ସଚେତନତା ଜରୁରୀ:ରାଜ୍ୟପାଳ

ଜୟପୁର/କୋରାପୁଟ/କୁନ୍ଦୁରା/ସେମିଳିଗୁଡା/ବୋରିଗୁମା, ୨୧।୧୨ (ପବନ ପାଣିଗ୍ରାହୀ/ଅମିତାଭ ବେହେରା/ଜଗଦୀଶ ପ୍ରଧାନ/ବାସୁଦେବ ବଡାଇ/ବିଜୟ ସାହୁ)

ମହିଳା ସଶକ୍ତୀକରଣ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ। ପ୍ରଥମେ ମହିଳା ସଚେତନତା ହେବା ଜରୁରୀ। ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ ରଘୁବର ଦାସ। ରାଜ୍ୟପାଳ ହେବାପରେ ତାଙ୍କର ପ୍ରଥମ ଗସ୍ତ ମାଲକାନଗିରି ଜିଲା ବୁଧବାର ଶେଷ କରିବା ପରେ ଗୁରୁବାର କୋରାପୁଟ ଜିଲା ଜୟପୁର ବ୍ଲକ ଗସ୍ତ କରିଥିଲେ। ଜୟପୁର ବ୍ଲକ ରାନ୍ଦଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେ ସ୍ଥିତି ଅନୁଧ୍ୟାନ କରିବା ସହ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଠାରେ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନାକରି ସେ ପୁଷ୍ଟିକର ଖାଦ୍ୟ ଖାଇବାକୁ ପ୍ରତି ଘରେ ସଚେତନ କରିବା ଲାଗି ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ କୋରାପୁଟ ଗସ୍ତ ବେଳେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଜ୍ୟପାଳଙ୍କ ଗସ୍ତ ବେଳେ ଜିଲାପାଳ ମହମ୍ମଦ ଅବଦାଲ ଅଖତାର, ଏସ୍‌ପି ଅଭିନବ ସୋନକାର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀ, ଏସ୍‌ଡିପିଓ ହରିଶ ବିସି, ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟପାଳ ରଘୁବର ଦାସ ଗୁରୁବାର ଜୟପୁର କାର୍ଯ୍ୟକ୍ରମ ସାରି କୋରାପୁଟ ଗସ୍ତରେ ଆସି କୋରାପୁଟରେ କଫି ବୋର୍ଡ ବୁଲି ଦେଖିବା ସହିତ କଫି ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହିତ ଆଲୋଚନା କରିଛନ୍ତି। କୋରାପୁଟ କଫି ଏବେ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଗକୁ କୋରାପୁଟ କଫି କିପରି ଅଧିକରୁ ଅଧିକ ଉତ୍ପାଦନକ୍ଷମ ହୋଇପାରିବ ସେ ନେଇ କଫି ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହିତ ରାଜ୍ୟପାଳ ଆଲୋଚନା କରି ଏହାର ବଜାରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କଫି ଚାଷୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ବିଭିନ୍ନ କଫି ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ରାଜ୍ୟପାଳ ନିଜେ କୋରାପୁଟ କଫି ପିଇ ଏହାର ଭଲ ପ୍ରଶଂସା କରଥିଲେ। ସଫଳ କଫି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜ ସ୍ୱାସ୍ଥ୍ୟର ଯତ୍ନନେବା ଏବଂ ପିଲାମାନଙ୍କୁ ପାଠ ପଢାଇ ବଡ ମଣିଷ କରିବାକୁ ରାଜ୍ୟପାଳ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ସହ ଆଲୋଚନା ବେଳେ ପରାମର୍ଶ ଦେଇଥିଲେ। କଫି ଚାଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଅଧିକରୁ ଅଧିକ ମାତ୍ରାରେ ନିୟୋଜିତ କରାଯାଇ ସେମାନଙ୍କୁ କିପରି ସ୍ୱାବଲମ୍ବୀ କରାଯାଇ ପାରିବ ସେ ନେଇ କଫି ବୋର୍ଡ ଅଧିକାରୀ ଉପେନ୍ଦ୍ର ଶାହାଙ୍କ ସମେତ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଗକୁ କଫି ଆପ ଆସୁଛି ଚାଷୀମାନେ କଫି ଆପ୍ ମାଧ୍ୟମରେ ସମସ୍ତ ତଥ୍ୟ ପାଇପାରିବେ ବୋଲି କଫି ବୋର୍ଡ ଅଧିକାରୀ ଉପେନ୍ଦ୍ର ସାହା ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲାପାଳ ଅବଦଲ ଏମ୍ ଅଖତାର କଫି ଚାଷକୁ ଅଧିକ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ। ସେହିପରି ରାଜ୍ୟପାଳ ସେମିଳିଗୁଡା ସ୍ଥିତ ପୁଣ୍ଡିଗଠାରେ ଥିବା ଏକଲବ୍ୟ ବିଦ୍ୟାଳୟ ପରିଦର୍ଶନକରି ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେମିଳିଗୁଡାର ରଙ୍ଗପୁଟଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନକରି ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସେଠାରେ ଉପସ୍ଥିତ ଚାଷୀ ଏବଂ ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। କୁନ୍ଦୁରାରେ ଅନ୍ୟ ଅଧିକାରୀମାନଙ୍କ ସହ ଉପ ଜିଲାପାଳ ବେଣୁଧର ଶବର, ଏସ୍‌ଡିପିଓ ମନୋଜ ବେହେରା ଉପସ୍ଥିତ ଥିଲେ। କୁନ୍ଦୁରା ଓ ସେମିଳିଗୁଡା ଥାନା ଅଧିକାରୀ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

ବୋରିଗୁମା ବ୍ଲକ ସଦର ମହକୁମା ଗସ୍ତକରି ରାଜ୍ୟପାଳ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ବୋରିଗୁମା ବ୍ଲକ ଖୁଡିଗୁଡା ଗ୍ରାମରେ ପହଞ୍ଚି ସେ ପ୍ରଧାନମନ୍ତ୍ରୀ ଆବାସ ଗୃହଗୁଡିକ ଦେଖିବା ସହ ହିତାଧିକାରୀମାନଙ୍କ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ସେମାନଙ୍କୁ ମିଳୁଛି କି ନାହିଁ, ସେଥିରୁ ସେମାନେ ଉପକୃତ ହେଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏହି ସମୟରେ ମହିଳାମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଜଣାଇଥିଲେ। ପରେ ଖୁଆଲଗୁଡାର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାର ଜନସାଧାରଣ ଓ ଏସ୍‌ଏଚ୍‌ଜି ମହିଳାମାନଙ୍କ ସହିତ ମତ ବିନିମୟ କରିଥିଲେ। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନ ଥିବା ନେଇ ରାଜ୍ୟପାଳଙ୍କୁ ଅବଗତ କରି ଗ୍ରାମବାସୀ ଏକ ପତ୍ର ସରପଞ୍ଚଙ୍କ ଜରିଆରେ ପ୍ରଦାନ କରିଥିଲେ। ବୋରିଗୁମାକୁ ଏନଏସି ମାନ୍ୟତା ନେଇ ସରପଞ୍ଚ ତୁଷାରକାନ୍ତ କୁମାରିକା ଓ ୱାର୍ଡ ସଭ୍ୟମାନେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ପରେ କୁମ୍ଭାରୀ ପଞ୍ଚାୟତ ପତେଇଗୁଡା ଗ୍ରାମୀଣ ଶିଳ୍ପ ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ବ୍ରିକ୍ସ ଫ୍ୟାକ୍ଟ୍ରି, କୁକୁଡ଼ା ପାଳନ କେନ୍ଦ୍ର, ସୋରିଷ ତେଲ ଉତ୍ପାଦନ କେନ୍ଦ୍ର, ମୁଢ଼ିଭଜା କେନ୍ଦ୍ର, ମସଲା ଉତ୍ପାଦନ କେନ୍ଦ୍ର, ଛତୁଚାଷ ଓ ମାଣ୍ଡିଆ ପ୍ରସେସିଂ ୟୁନିଟ୍‌କୁ ରାଜ୍ୟପାଳ ବୁଲି ଦେଖିଥିଲେ। ଏହି ସମୟରେ ଅନ୍ୟ ଅଧିକାରୀମାନଙ୍କ ସହ ଏଡିସି ଗୌରୀ ଶଙ୍କର ସାହୁ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ବିଡିଓ ବିକ୍ରମ ଦୋରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ ଶବର, ଏଇ ସତ୍ୟନାରାୟଣ ସେଠୀ ଉପସ୍ଥିତ ଥିଲେ।



ଜୟପୁରରେ ରାଜ୍ୟପାଳ ରଘୁବର ଦାସ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରୁଛନ୍ତି।



କୁନ୍ଦୁରାରେ କୋରାପୁଟ ଜିଲାପାଳ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

## କୋରାପୁଟରେ କଫି ବୋର୍ଡ ପରିଦର୍ଶନ କଲେ

# ଦେଶୀ ଖତ ବ୍ୟବହାର ଉପରେ ଗୁରୁତ୍ୱ

## କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ ପ୍ରାକୃତିକ କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୪।୨ (ଅମିତାଭ ବେହେରା)

ପାରମ୍ପରିକ, ସ୍ୱଦେଶୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭାରତ ସରକାର ପ୍ରାକୃତିକ କୃଷି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରାକୃତିକ କୃଷିରେ ଅଧିକ ପରିମାଣରେ ରାସାୟନିକ ସାର ଓ ଔଷଧ ବ୍ୟବହାର ନ କରି ଦେଶୀ ଗାଈ ଗୋବର, ଗୋମୂତ୍ର, ନିମ୍ବପତ୍ର, ଲଙ୍କା ଓ ଦେଶୀ ଜିନିଷକୁ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ଖତ ଓ ଔଷଧକୁ ବ୍ୟବହାର କରିବାକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲାର ସେମିଳିଗୁଡାସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଛି । ଗତ ୩ ଓ ୪ ତାରିଖରେ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ



ଅଧିକାରୀମାନେ ଦେଶୀ ଖତର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ବୁଝାଉଛନ୍ତି ।

ସଚେତନତା କାର୍ଯ୍ୟକ୍ରମ ହୋଇଛି। ଏଥିରେ କୃଷକମାନଙ୍କୁ ସଚେତନତା କରିବାକୁ ଜୀବାମୃତ, ହାଣ୍ଡିଖତ, ନିମାସ୍ତ୍ର, ବ୍ରହ୍ମାସ୍ତ୍ର, ଅଗ୍ନେୟାସ୍ତ୍ର ପ୍ରଭୃତି ପ୍ରଣାଳୀ, ରୋଗପୋକ ଚିହ୍ନି ସଠିକ ଔଷଧ ଠିକ ସମୟରେ ଉଚିତ୍ ପ୍ରଣାଳୀରେ କିପରି ପ୍ରୟୋଗ କରିବେ ସେନେଇ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିକଟସ୍ଥ ହଓରାଗୁଡା ଗ୍ରାମ ସମେତ ଆଖପାଖ ଅଞ୍ଚଳରୁ ୮୦ ଚାଷୀ ତାଲିମ ନେଇଥିଲେ। ସମସ୍ତଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷେତ୍ର ବୈଜ୍ଞାନିକ ସୁନିତା ଦଣ୍ଡସେନା, କୃଷି ସମ୍ପ୍ରସାରଣ ଅଧିକାରୀ କ୍ରିଷ୍ଣମୟୀ ସେଠୀ, ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ଜାନୁଆରୀ ୩୦ ଓ ୩୧ ତାରିଖରେ କୋରାପୁଟ ନିଶାଣୀମୁଣ୍ଡାଠାରେ ହୋଇଥିବା ଜିଲାସ୍ତରୀୟ କୃଷିମେଳା ଓ ବିହନ ପ୍ରଦର୍ଶନୀରେ କୋରାପୁଟ କୃଷି ବିଜ୍ଞାନକେନ୍ଦ୍ର ସାମିଲ ହୋଇ ପ୍ରାକୃତିକ କୃଷି ପ୍ରଣାଳୀ, ଦେଶୀ ବିହନ କିସମ ପ୍ରଦର୍ଶନୀର ଆୟୋଜନ କରିଥିଲା। ଏହି ଅବସରରେ ପ୍ରାକୃତିକ କୃଷି ରଥ ଉଦଘାଟିତ ହୋଇ ପ୍ରାକୃତିକ କୃଷି ଉପରେ ଚାଷୀଙ୍କୁ ସଚେତନତା କରାଯାଇଥିଲା ।



Prof. Pravat Kumar Roul, Hon'ble Vice Chancellor, OUAT addressing Training program for Veterinary officers on "X-ray & Ultrasonography as Modern Diagnostic Techniques for Veterinarians" at College of Veterinary Science & Animal Husbandry, OUAT, Bhubaneswar on 16.01.24.



Two days National Farming Exhibition cum Seed Fair jointly organized by Krishi Vigyan Kendra, Koraput and PRAGATI NGO at Koraput on 30.01.24.

**Published By : OUAT Media Cell**

Chief Patron – Prof. Pravat Kumar Roul, Hon'ble Vice Chancellor, OUAT
Concept & Idea – Dr. Sanat Mishra , Nodal Officer (Media Cell), OUAT
Editor – Ms. Sukanya Jena, Asst. Manager (Media), CBSAE Dev. Project, OUAT
Email – mediacell@ouat.ac.in